ବାଇବେଲର ଗୋଟିଏ କାହାଣୀ କହ  ବା ଗୋଟିଏ ଗୀତ ଶିଖାଅ ଯାହା ନିମ୍ନଲିଖିତ ବିନ୍ଦୁଗୁଡ଼ିକର ଗୋଟିଏକୁ ଦର୍ଶାଏ ।

---

ପ୍ରାକୃତିକ ରୂପରେ, ଆଲୋକ ନିଜକୁ ପ୍ରକଟ କରେ । ସକାଳେ ଯେବେ ସୂର୍ଯ୍ୟ ଉଦୟ ହୁଏ, ତୁମେ ସୂର୍ଯ୍ୟକୁ ଦେଖ । ଆଧ୍ୟାତ୍ମିକ ରୂପରେ, ଯୀଶୁ ହେଲେ ସେହି ଐଶ୍ୱରିକ ଆଲୋକ ଯାହା ନିଜକୁ ଓ ପରମପିତା ଇଶ୍ୱରଙ୍କୁ ପ୍ରକଟ କରେ ।

ପ୍ରାକୃତିକ ରୂପରେ, ଯେବେ ତୁମେ ଆଲୋକ ଆଡ଼ରୁ ବୁଲିଯାଅ, ତୁମେ  ନିଜ ଛାୟାର ଅନ୍ଧକାରରେ ଗମନ କର । ଆଧ୍ୟାତ୍ମିକ ରୂପରେ,  ଯେବେ ତୁମେ ଐଶ୍ୱରିକ ଆଲୋକ ଯୀଶୁଙ୍କ  ଆଡ଼କୁ ବୁଲିଯାଅ, ତୁମେ ଅନ୍ଧକାରକୁ ତ୍ୟାଗ କର ଓ ତୁମ ଖରାପ ଜିନିଷ ସବୁକୁ ପଛରେ ଛାଡ଼ି ଆସ ।

ପ୍ରାକୃତିକ ରୂପରେ, ଆଲୋକ ଅନ୍ଧକାର ଅପେକ୍ଷା ଶକ୍ତିଶାଳୀ । ଆଲୋକ ଅନ୍ଧକାରକୁ ପଛକୁ ଘୁଞ୍ଚାଇ ଦିଏ । ଆଧ୍ୟାତ୍ମିକ ରୂପରେ,  ଯୀଶୁ ଅନ୍ଧକାର ଅପେକ୍ଷା ଶକ୍ତିଶାଳୀ । ଯୀଶୁଙ୍କ  ନିୟନ୍ତ୍ରଣ କ୍ଷମତା ରହିଛି: ରୋଗ, ପ୍ରକୃତି, ତୁମେ କରିଥିବା ସମସ୍ତ ଖରାପ କାମ, ଦାନବ, ଇତିହାସ, ତାଙ୍କ ନିଜ ଭାଗ୍ୟ, ଖଳ, ମୃତ୍ୟୁ, ପରକାଳ, ଏବଂ ପ୍ରାକୃତିକ ଓ ଆଧ୍ୟାତ୍ମିକତା ଉପରେ  ।

---

ବାଇବେଲର ଗୋଟିଏ କାହାଣୀ କହ ବା ଗୋଟିଏ ଗୀତ ଶିଖାଅ ଯାହା ନିମ୍ନଲିଖିତ ବିନ୍ଦୁଗୁଡ଼ିକର ଗୋଟିଏକୁ ଦର୍ଶାଏ।

---

ପ୍ରାକୃତିକ ରୂପରେ, ଜୀବନ ପାଇଁ ଜଳ ଅପରିହାର୍ଯ୍ୟ । ଆଧ୍ୟାତ୍ମିକ ରୂପରେ, ପବିତ୍ର ଆତ୍ମାହିଁ ଜୀବନ୍ତ ଜଳ, ଆଧ୍ୟାତ୍ମିକ ଜୀବନ ପାଇଁ ଅପରିହାର୍ଯ୍ୟ ।

ପ୍ରାକୃତିକ ରୂପରେ, ପାଣି ଉପର ଆଡ଼ୁ ତଳ ଆଡ଼େ, ଆକାଶରୁ ତଳକୁ, ପର୍ବତ ଉପରୁ ନଦୀ, ପୋଖରୀ ବା ଖାଲ ମଧ୍ୟକୁ ପ୍ରବାହିତ ହୁଏ। ଆଧ୍ୟାତ୍ମିକ ରୂପରେ, ଈଶ୍ୱରଙ୍କ ସିଂହାସନରୁ ଓ ଯୀଶୁଖ୍ରୀଷ୍ଟଙ୍କ ମାଧ୍ୟମରେ ପବିତ୍ର ଆତ୍ମା, ଜୀବନ୍ତ ଜଳ, ସ୍ୱର୍ଗରୁ ସୀଧାସଳଖ ତାଙ୍କ ପ୍ରଜାମାନଙ୍କ ଉପରେ ପ୍ରବାହିତ ହୁଏ ।

ପ୍ରାକୃତିକ ରୂପରେ, ପାଣି ପ୍ରବାହିତ ହେବା ସମୟରେ ଏହା ଶକ୍ତି ଉତ୍ପନ୍ନ କରିପାରେ । ଆଧ୍ୟାତ୍ମିକ ରୂପରେ, ଯେବେ ଆମେ ଈଶ୍ୱରଙ୍କ ଅଭିପ୍ରାୟରେ ପବିତ୍ର ଆତ୍ମାକୁ ଆମ ମଧ୍ୟରେ ପ୍ରବାହିତ ହେବାକୁ ଦେଉ, ଆମେ ଈଶ୍ୱରଙ୍କ ପାଇଁ ଜୀବନ ଯାପନ କରିବାର କ୍ଷମତା ପ୍ରାପ୍ତ କରୁ ।

---



ବାଇବେଲର ଗୋଟିଏ କାହାଣୀ କହ  ବା ଗୋଟିଏ ଗୀତ ଶିଖାଅ ଯାହା ନିମ୍ନଲିଖିତ ବିନ୍ଦୁଗୁଡ଼ିକର ଗୋଟିଏକୁ ଦର୍ଶାଏ ।

---

ପ୍ରାକୃତିକ ରୂପରେ, ଫୁଲ ବା ବୀଜରୁ ଗୋଟିଏ ସୁସ୍ଥ ଲତାର ଫଳ ଉତ୍ପନ୍ନ ହୁଏ । ଏହା ଭିତରରୁ ଫୁଟି ବାହାରେ । ଆଧ୍ୟାତ୍ମିକ ରୂପରେ, ଯୀଶୁ ହେଲେ ଇଶ୍ୱରଙ୍କ ପ୍ରଜାମାନଙ୍କ ଅନ୍ତର୍ମନରେ ଏପରି ଆଧ୍ୟାତ୍ମିକ ଫଳ: ପ୍ରେମ, ଆନନ୍ଦ, ପ୍ରଶାନ୍ତି, ଧୈର୍ଯ୍ୟ, ଅନୁକମ୍ପା, ସଦ୍‌ଗୁଣ, ବିଶ୍ୱସ୍ତତା, କୋମଳତା ଓ ଆତ୍ମ-ନିୟନ୍ତ୍ରଣ ଉତ୍ପନ୍ନ କରୁଥିବା ପବିତ୍ର ଆତ୍ମାର ଉତ୍ସ ।

ପ୍ରାକୃତିକ ରୂପରେ, ଗୋଟିଏ ସୁସ୍ଥ ଲତାକୁ ଉତ୍ତମ, ଉର୍ବର, ନରମ ମୃତ୍ତିକାରେ ରୋପଣ କରିବା ଆବଶ୍ୟକ । ଆଧ୍ୟାତ୍ମିକ ରୂପରେ, ନରମ ମୃତ୍ତିକାକୁ ଯୀଶୁ କୋମଳ ହୃଦୟ, ଇଶ୍ୱରଙ୍କ ବକ୍ତବ୍ୟକୁ ଗ୍ରହଣ କରିବାରେ ଆମ ଇଚ୍ଛା ଓ  ଶିକ୍ଷାଦାନଯୋଗ୍ୟ ଆତ୍ମା ସହିତ ତୁଳନା କରନ୍ତି ।

ପ୍ରାକୃତିକ ରୂପରେ, ଏକ ସୁସ୍ଥ ଲତା ଜୈବିକ ସାର ବା ଭୋଜନ ପ୍ରୟୋଜନ କରେ । ଆଧ୍ୟାତ୍ମିକ ରୂପରେ, ଯୀଶୁ ହେଲେ ଆମ ଆଧ୍ୟାତ୍ମିକ ଭୋଜନର ଉତ୍ସ, ଯାହା ହେଲା: ଇଶ୍ୱରଙ୍କ ବକ୍ତବ୍ୟକୁ ଶୁଣିବା ଓ ପଢ଼ିବା (ବାଇବେଲ) ଓ ପରମପିତା ଇଶ୍ୱରଙ୍କ ଇଚ୍ଛାନୁସାରେ କାମ କରିବା  ।

---



ବାଇବେଲର ଗୋଟିଏ କାହାଣୀ କହ ବା ଗୋଟିଏ ଗୀତ ଶିଖାଅ ଯାହା ନିମ୍ନଲିଖିତ ବିନ୍ଦୁଗୁଡ଼ିକର ଗୋଟିଏକୁ ଦର୍ଶାଏ ।

---

ପ୍ରାକୃତିକ ରୂପରେ, ଧୂଳିର ମେଘରୁ, ଏହାର ଘୂର୍ଣ୍ଣନରୁ ଉତ୍ପନ୍ନ ଅତ୍ୟଧିକ ଚାପ ଅଧୀନରେ, ତାରକାର ଗଠନ ହୁଏ , ଶକ୍ତିର ସୃଷ୍ଟି ହୁଏ ଓ ଗୋଟିଏ କେନ୍ଦ୍ର ଗଠିତ ହୁଏ । ତାହାଠାରୁ ଅଧିକ ଚାପ ଦ୍ୱାରା ଆଲୋକର ରଶ୍ମି ଅନ୍ଧକାର ମଧ୍ୟରେ ପ୍ରସ୍ଫୁଟିତ ହୋଇଯାଏ । ଆଧ୍ୟାତ୍ମିକ ରୂପରେ, ଆମ ହୃଦୟର କେନ୍ଦ୍ରରୁ ଦୀପ୍ତିମାନ ହେବାର କ୍ଷମତା ଆସେ । ଯୀଶୁ ହେଲେ ଆମ ଆଲୋକର ଉତ୍ସ । ଆମେ କାହିଁକି କିଛି କାମ କରୁ ଓ ଆମେ କ'ଣ ବନିଯାଉ ତାହା ଆମ ହୃଦୟର ପରିସ୍ଥିତି ଅନୁସାରେ ଅଟେ ।

ପ୍ରାକୃତିକ ରୂପରେ, ଅତ୍ୟଧିକ ଚାପ ଅଧୀନରେ ତାରକାର ଗଠନ ହୁଏ । ଚାପ ନ ଥିଲେ ଆଲୋକ ଥିବ ନାହିଁ । ଆଧ୍ୟାତ୍ମିକ ରୂପରେ, ଆମେ ନିର୍ଯାତନ, ପୀଡ଼ା ଓ ଅନେକ ବିଚାର ଭୋଗ କରୁ, ତେବେ ବି ଏହା ଆମକୁ ଦୀପ୍ତିମାନ ଓ ଆନନ୍ଦିତ ହେବାକୁ ଦିଏ!

ପ୍ରାକୃତିକ ରୂପରେ, ଲୋକମାନେ ସେମାନଙ୍କ ମାର୍ଗ ନିର୍ଦ୍ଧାରଣ କରିବା ପାଇଁ ତାରକାମାନଙ୍କ ଅବସ୍ଥାନକୁ ବ୍ୟବହାର କରନ୍ତି । ଆଧ୍ୟାତ୍ମିକ ରୂପରେ, ଆମେ ଯୀଶୁଙ୍କ ପ୍ରତି ସୂଚିତ କରୁଥିବା ତାରକାମାନଙ୍କ ପରି ଅଟେ, ଆମେ କିପରି ଜୀବନ ଯାପନ କରୁ ଓ ଆମେ କ'ଣ କହୁ ଓ କରୁ ତାହା ଦ୍ୱାରା ।

---



ବାଇବେଲର ଗୋଟିଏ କାହାଣୀ କହ  ବା ଗୋଟିଏ ଗୀତ ଶିଖାଅ ଯାହା ନିମ୍ନଲିଖିତ ବିନ୍ଦୁଗୁଡ଼ିକର ଗୋଟିଏକୁ ଦର୍ଶାଏ।

---

ପ୍ରାକୃତିକ ରୂପରେ, ସୁଗଭୀର ଜଳରେ ଅଧିକାଂଶ ମତ୍ସ୍ୟମାନେ ରହିଛନ୍ତି, ଯେଉଁମାନେ ବିଭିନ୍ନ ରୂପ ଓ ଆକାରର ଅଟନ୍ତି ଓ କେବେ ବି ଆଲୋକ ଦେଖି ନାହାନ୍ତି । ଆଧ୍ୟାତ୍ମିକ ରୂପରେ,  ଯେଉଁଠି ପ୍ରଗାଢ଼ ଆଧ୍ୟାତ୍ମିକ ଅନ୍ଧକାର ରହିଛି, ସେଠି ଅଧିକାଂଶ ଲୋକମାନେ ଏହି ଶୁଭ ସଂବାଦ ଶୁଣି ନାହାନ୍ତି ଯେ ଯୀଶୁ ହେଲେ ସେମାନଙ୍କ ଭାଗ୍ୟର ପରମେଶ୍ୱର ଓ ସିଏ ଅନନ୍ତ କାଳର ଅନ୍ଧକାରରୁ ସେମାନଙ୍କୁ ମୁକ୍ତ କରି ପାରିବେ ।

ପ୍ରାକୃତିକ ରୂପରେ, ଅଧିକ ସଂଖ୍ୟାରେ ମାଛ ଧରିବା ପାଇଁ ଅପେକ୍ଷାକୃତ ଭଲ ସମୟ ରହିଛି । ଆଧ୍ୟାତ୍ମିକ ରୂପରେ,  ବିଶ୍ରାମ କରିବା ପାଇଁ ସମୟ ରହିଛି ଓ ଯୀଶୁଙ୍କ ବିଷୟରେ ପ୍ରଚାର କରିବାର ସମୟ ରହିଛି । ସମୟ ଓ ଋତୁଗୁଡ଼ିକ ବିଷୟରେ ବୁଝି ପାରିବା ପାଇଁ ଆମକୁ ଈଶ୍ୱରଙ୍କ ଆଦେଶକୁ ଅନୁସରଣ କରିବା ଓ ତାଙ୍କ ଦ୍ୱାରା ନିର୍ଦ୍ଦେଶିତ ହେବା ଉଚିତ ।

ପ୍ରାକୃତିକ ରୂପରେ, ସୁଗଭୀର ଜଳରେ ଶିକାରୀ ଜନ୍ତୁମାନ ରହିଛନ୍ତି ଯେଉଁମାନେ ଯାହାକିଛି ଓ ସବୁକିଛି ଗ୍ରାସ କରିବାରେ ତତ୍ପର ଅଟନ୍ତି । ଆଧ୍ୟାତ୍ମିକ ରୂପରେ, ପୃଥିବୀରେ ସଇତାନ ସମେତ ଶିକାରୀମାନ ରହିଛନ୍ତି ଯେଉଁମାନେ ଆମ ବିଶ୍ୱାସକୁ ଗ୍ରାସ କରିବାରେ ତତ୍ପର ଅଟନ୍ତି ।  ଯୀଶୁଙ୍କ ଉପରେ ବିଶ୍ୱାସ ରଖିବା ଠାରୁ ଆମକୁ ରୋକିବାର ଚେଷ୍ଟା କରୁଛନ୍ତି । ଈଶ୍ୱରଙ୍କ ଉପରେ ଆସ୍ଥା ରଖିବା ଠାରୁ ଆମକୁ ରୋକିବାର ଚେଷ୍ଟା କରୁଛନ୍ତି ।

---



ବାଇବେଲର ଗୋଟିଏ କାହାଣୀ କହ  ବା ଗୋଟିଏ ଗୀତ ଶିଖାଅ ଯାହା ନିମ୍ନଲିଖିତ ବିନ୍ଦୁଗୁଡ଼ିକର ଗୋଟିଏକୁ ଦର୍ଶାଏ ।

---

ପ୍ରାକୃତିକ ରୂପରେ, ପୃଥିବୀ ଉପରେ ରାଜତ୍ୱ କରିବା ପାଇଁ ଈଶ୍ୱର ପୁରୁଷ ଓ ମହିଳାମାନଙ୍କୁ ସୃଷ୍ଟି କରିଛନ୍ତି । ଆଧ୍ୟାତ୍ମିକ ରୂପରେ,  ଈଶ୍ୱର ପୁରୁଷ ଓ ମହିଳାମାନଙ୍କୁ ସେମାନଙ୍କ ନିଜ ସ୍ୱାର୍ଥପର ଅଭିଳାଷା ଓ ଅନ୍ଧକାରର ଶକ୍ତି ଉପରେ ଶାସନ କରିବା ପାଇଁ ସୃଷ୍ଟି କରିଛନ୍ତି ।

ପ୍ରାକୃତିକ ରୂପରେ, ଈଶ୍ୱର ପୁରୁଷ ଓ ମହିଳାମାନଙ୍କୁ ସୃଷ୍ଟି କରିବା ପୂର୍ବରୁହିଁ, ଈଶ୍ୱର ସେମାନଙ୍କୁ ସେମାନେ ଲୋଡ଼ୁଥିବା ସବୁକିଛି ପ୍ରଦାନ କରିଛନ୍ତି । ଈଶ୍ୱର ପୁରୁଷ ଓ ମହିଳାମାନଙ୍କୁ ସୃଷ୍ଟି କରିବାର ୩ ଦିନ ପୂବରୁ ସିଏ ଭୋଜନ ପାଇଁ ବୃକ୍ଷ ଓ ଫଳ ସୃଷ୍ଟି କରିଛନ୍ତି । ଆଧ୍ୟାତ୍ମିକ ରୂପରେ,  ଈଶ୍ୱର ଆମକୁ ଶାସନ କରିବା ପାଇଁ ଆମେ ଲୋଡ଼ୁଥିବା ସବୁକିଛି ପ୍ରଦାନ କରିଛନ୍ତି । ସିଏ ଆମକୁ ମୃତ୍ୟୁ ଓ ରୋଗ ଉପରେ ଯୀଶୁଙ୍କ ବିଜୟ, ଓ ପବିତ୍ର ଆତ୍ମାର ପୁନରୁତ୍ଥାନ ପ୍ରଦାନ କରିଛନ୍ତି ।

ପ୍ରାକୃତିକ ରୂପରେ ରାଜରକ୍ତର ପାରିବାରିକ ନାମ ଲୋକମାନଙ୍କ ଉପରେ କର୍ତ୍ତୃତ୍ୱ ଓ ପକ୍ଷପାତ କରିପାରେ । ଆଧ୍ୟାତ୍ମିକ ରୂପରେ ଯେବେ ଆମେ ଈଶ୍ୱରଙ୍କ ପରିବାରର ଅଂଶ ଅଟେ, ସିଏ ଆମକୁ ତାଙ୍କ ନାମ ବ୍ୟବହାର କରିବା ପାଇଁ  କ୍ଷମତା ପ୍ରଦାନ କରିଛନ୍ତି, ସେହି ନାମ ଯାହା ଅନ୍ୟ ପ୍ରତ୍ୟେକ ନାମର ଉର୍ଦ୍ଧ୍ୱରେ, ସେହି ନାମ ହେଲା ଯୀଶୁ ।

---



ବାଇବେଲର ଗୋଟିଏ କାହାଣୀ କହ  ବା ଗୋଟିଏ ଗୀତ ଶିଖାଅ ଯାହା ନିମ୍ନଲିଖିତ ବିନ୍ଦୁଗୁଡ଼ିକର ଗୋଟିଏକୁ ଦର୍ଶାଏ ।

---

ଈଶ୍ୱରଙ୍କ ଆଶ୍ରୟରେ ଜୀବନ ଯାପନ କରିବା ପାଇଁ ଯୀଶୁଙ୍କ ଉପରେ ବିଶ୍ୱାସ ରହିବା ଆବଶ୍ୟକ । ଶୁଭ ସଂବାଦ ହେଲା, ବିଶ୍ୱାସ ଆରମ୍ଭ ହୁଏ ଯୀଶୁଙ୍କୁ ତୁମ ପରମେଶ୍ୱର ଓ ତ୍ରାଣକର୍ତ୍ତା ରୂପରେ ଗ୍ରହଣ କରିବା ଦ୍ୱାରା ।

ଈଶ୍ୱରଙ୍କ ଆଶ୍ରୟରେ ଜୀବନ ଯାପନ କରିବା ପାଇଁ ଈଶ୍ୱରଙ୍କ ଉପରେ ଆସ୍ଥା ରହିବା ଆବଶ୍ୟକ । ଶୁଭ ସଂବାଦ ହେଲା, ଆସ୍ଥା ଆରମ୍ଭ ହୁଏ ପରମପିତା ଈଶ୍ୱରଙ୍କୁ ତାଙ୍କ ପୁତ୍ର ଯୀଶୁଙ୍କ ମାଧ୍ୟମରେ ଜାଣିବା ଦ୍ୱାରା ।

ଈଶ୍ୱରଙ୍କ ଆଶ୍ରୟରେ ଜୀବନ ଯାପନ କରିବା ପାଇଁ ଈଶ୍ୱରଙ୍କ ପ୍ରତି  ଆଜ୍ଞାନୁବର୍ତ୍ତିତା ଆବଶ୍ୟକ । ଶୁଭ ସଂବାଦ ହେଲା, ଆଜ୍ଞାନୁବର୍ତ୍ତିତା ଆରମ୍ଭ ହୁଏ ଈଶ୍ୱରଙ୍କ ପ୍ରେମର ନିଃଶୁଳ୍କ ଉପହାର ଗ୍ରହଣ କରିବା ଦ୍ୱାରା ।

---

